# Akashvani, Sambalpur

## SAMBALPURI NEWS BULLETIN

### 14 October 2025 – 6.47- 6.52 am.

******************************************************

ଡକ୍ଟର୍ ପି.କେ. ମିଶ୍ର          ଆର୍ଏନ୍ୟୁ/ ସମ୍ବଲପୁର

ବିପର୍ଯ୍ୟୟ ବିପଦ୍ କମ୍ କର୍ବାର୍ ଲାଗି ନୂଆଁ ସୃଜନ୍ ଆଉ ନିରନ୍ତର୍ ପାଣ୍ଠି ଯୋଗାଣ ଜରୁରୀ ଆଏ ବଲି ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ଡକ୍ଟର୍ ପି.କେ. ମିଶ୍ର କହିଛନ୍ । ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ହେଇଥିବା ଜି-ଟ୍ୱେଂଟି ମନ୍ତ୍ରୀସ୍ତରୀୟ ବୈଠକ୍‌ଥି ଯୋଗ୍ ଦେଇକରି ଡକ୍ଟର୍ ମିଶ୍ର କହିଛନ୍, ଆଗ୍‌ତିରିଆ ସତର୍କତା ବ୍ୟବସ୍ଥା ହେଉଛେ ବିପର୍ଯ୍ୟୟ ପ୍ରଶମନ୍‌କେ ବର୍‌କସ୍ କର୍ବାର୍ ଲାଗି ଗୁଟେ ରଣନୈତିକ୍ ନିବେଶ୍ । ବିପର୍ଯ୍ୟୟ ବିପଦ୍ କମ୍ କର୍ବାର୍ ଲାଗି ଭାରତ୍‌ର ବହୁମୁଖୀ ସଂସ୍ଥାଭିତିକ୍ ଢାଂଚା ଉପ୍‌ରେ ଶ୍ରୀ ମିଶ୍ର ଆଲୋଚନା କରିକରି ଭାରତ୍ ନିଜର୍ ସ୍ୱେଚ୍ଛାକୃତ ଉଚ୍ଚସ୍ତରୀୟ ସିଦ୍ଧାନ୍ତକେ କାର୍ଯ୍ୟକାରୀ କର୍ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ ବଲି ଡକ୍ଟର୍ ମିଶ୍ର କହିଛନ୍ ।

ମୁଖ୍ୟମନ୍ତ୍ରୀ- ହବିଷ୍ୟାଳୀ          ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଆଏବା ବଛର୍‌ନୁ ହବିଷ୍ୟାଳିମାନ୍‌କର୍ ଲାଗି ଡିଜିଟାଲ୍ ପଞ୍ଜିକରଣ୍ ବ୍ୟବସ୍ଥା କରାଯିବା, ଯେନ୍‌ଥି ଚିକିତ୍ସା ଆଉ ଜରୁରୀ ସେବା ଭିଲ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ପୁରୀ ନରେନ୍ଦ୍ର କୋଣ ଠାନେ ଥିବା ବୃନ୍ଦାବତୀ ନିବାସ୍ ନ ହବିଷ୍ୟାଳୀମାନ୍‌କୁ ଭେଟିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ହବିଷ୍ୟାଳୀ ମାନ୍‌କର୍ ଭକ୍ତି ହେଉଛେ ଓଡ଼ିଶାର୍ ନୈତିକ ଶକ୍ତି ଆଉ ଓଡ଼ିଆ ସଂସ୍କୃତି ଅସ୍ମିତାର୍ ଜୀବନ୍ତ ପ୍ରତୀକ । ଇ ବଛର୍ ହବିଷ୍ୟାଳୀମାନ୍‌କର୍ ଲାଗି ୩ କୋଟି ୩୦ ଲାଖ୍ ଟଙ୍କାର୍ ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଉପମୁଖ୍ୟମନ୍ତ୍ରୀ-କେନ୍ଦ୍ର ଯୋଗାଣମନ୍ତ୍ରୀ I&PR

ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ କେନ୍ଦ୍ର ଖାଦ୍ୟ ଆଉ ସାଧାରଣ୍ ବଂଟନ୍ ବ୍ୟବସ୍ଥା ମନ୍ତ୍ରୀ ପ୍ରହଲ୍ଲାଦ୍ ଯୋଷୀଙ୍କୁ ଭେଟିକରି ରାଜ୍ୟର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଇ ଅବ୍‌ସରେ ଶ୍ରୀ ସିଂହଦେଓ ଖରିଫ୍ ଋତୁଥି କଷ୍ଟମ୍ ମିଲ୍‌ଡ୍ ଚାଉଲ୍ ଘିନ୍‌ବାର୍ ଟାର୍‌ଗେଟ୍ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ଦିଆଯାଇଥିବା ଚିଠି କେନ୍ଦ୍ରମନ୍ତ୍ରୀଙ୍କୁ ଦେଇକରି ତାଙ୍କର୍ ହସ୍ତକ୍ଷେପ୍ ଲାଗି

ନିବେଦନ୍ କରିଥିଲେ । ଇତାର୍ ସହେତେ ରାଏଜେ ଅଗ୍‌ଲି ଯାଉଥିବା ଚାଉଲ୍‌କେ ଭାରତୀୟ ଖାଦ୍ୟ ନିଗମ୍ ଜରିଏ ଉଠାବାର୍ ଲାଗି ଭିଲ୍ ହସ୍ତକ୍ଷେପ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ୍ କରିଥିଲେ ।

'ମୃତିକା-୨୦୨୫'        I&PR

ଟେରାକୋଟା ଆଉ କୁମ୍ଭାର ଶିଳ୍ପ ଓଡ଼ିଶାର୍ ପ୍ରାଚୀନ୍ ସଂସ୍କୃତି ଆଉ ଐତିହ୍ୟର୍ ପ୍ରତୀକ ଆଏ ବଲି ହସ୍ତତନ୍ତ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାନେ ଗଲାକାଏଲ୍ ବାର୍ଷିକ୍ ଟେରାକୋଟା ପ୍ରଦର୍ଶନୀ 'ମୃତିକା-୨୦୨୫'କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍, ଟେରାକୋଟା ଶିଳ୍ପ ରାଜ୍ୟର୍ ୩୬ ହଜାର୍‌ନୁ ଅଏତ୍‌କା କାରିଗର୍‌ଙ୍କର୍ ଜୀବନ୍ ଜୀବ୍‌କା ସାଜିଛେ । ଆଏବା ୧୯ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରଦର୍ଶନୀଥି ୩ କୋଟିନୁ ଅଏତ୍‌କା ବେପାର୍ ଲକ୍ଷ୍ୟ ରଖାଯାଇଛେ । ପ୍ରଦର୍ଶନୀ ଦିନର୍ ୧୧ ବଜେନୁ ରାତିର୍ ୯ ବଜେତକ୍ ଚାଲ୍‌ବା ।

ଟ୍ରାଫିକ୍ ଇ-ଚାଲାଣ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣ୍‌ର ସମାଧାନ୍ ଲାଗି ରାଜ୍ୟ ସର୍‌କାର୍ ଏକକାଳୀନ ଜମା ରିହାତି ଘୋଷ୍‌ନା କରିଛନ୍ । ଗଲା ଜୁଲାଇ ୩୧ ତାରିଖ୍‌ତକ୍ ମୋଟର୍‌ଯାନ ଆଇନ୍‌ର ୨୪ ଟା ଧାରାଥି ଜାରି ହେଇଥିବା ଇ- ଚାଲାଣ୍‌କେ ରିହାତି ହିସାବେ ଜମା କରାଯାଇପାର୍‌ବା । ଇ ବ୍ୟବସ୍ଥା ଲୁକ୍‌କର୍ ସୁବିଧାର୍ ଲାଗି ଅନ୍‌ଲାଇନ୍ ଜରିଏ ଭିଲ୍ କରାଯାଉଛେ । ଇଥିର୍‌ଲାଗି ଲୁକ୍‌କୁ ଆଉ ପରିବହନ୍ କାର୍ଯ୍ୟାଳୟକେ ଯିବାର୍‌କେ ନାଇଁ ପଡ଼େ ବଲି ବାଣିଜ୍ୟ ଆଉ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ ।

ଆମ ଗୌରବ ଆମ କଲେଜ୍ I&PR

ରାଜ୍ୟର୍ ୯ ଟା ମହାବିଦ୍ୟାଳୟ ଆଉ ୨ ଟା ବିଶ୍ୱବିଦ୍ୟାଳୟର୍ ବିକାଶ୍ ଲାଗି 'ଆମ ଗୌରବ ଆମ କଲେଜ୍' ଯୋଜ୍‌ନା ଅଧୀନ୍‌ଥି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ୩ କୋଟି ୪୫ ଲାଖ୍ ଟଙ୍କା ଅନୁମୋଦନ୍ କରାଯାଇଛେ । ଇ ଟଙ୍କା ଝାର୍‌ସୁଗୁଡ଼ା ପଂଚାୟତ ଆଂଚଳିକ ଡିଗ୍ରୀ ମହାବିଦ୍ୟାଳୟ ସହେତେ ରାଜ୍ୟର୍ ୯ ଟା ଉଚ୍ଚ ଶିକ୍ଷାନୁଷ୍ଠାନ୍ ନ ଭିତିଭୂମି ନିର୍ମାଣ ଆଉ ଶିକ୍ଷା ବାବଦ୍ ପ୍ରକଳ୍ପ ଲାଗି ଖର୍ଚ୍ଚା କରାଯିବା ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ -୨୦୨୫ ଡିସେମ୍ବର୍ ୨୪ ତାରିଖ୍‌ନୁ ଜାନୁଆରୀ ୩ ତାରିଖ୍‌ତକ୍ ହେବା । ଧନୁଯାତ୍ରା ଲାଗି ନୂଆଁ କଲାକାର୍ ବଛାହେବେ । କଲାକାର୍ ବାଛ୍‌ବାର୍ ତାରିଖ୍ ଧାରିଜ୍ ହେଲା ଉତ୍‌ରୁ ଲୁକ୍‌କୁ ଜନେଇ ଦିଆଯିବା । ଇ ବାବ୍‌ଦେ ଗଲାକାଏଲ୍ ଜିଲ୍ଲାପାଲ୍ ଆଉ ଧନୁଯାତ୍ରା ମହୋତ୍ସବ ସମିତି ତର୍‌ଫୁ ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ପଲ୍‌ସ୍ ପୋଲିଓ-ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ନ ଚାଲିଥିବା ପଲ୍‌ସ୍ ପୋଲିଓ ଟୀକାକରଣ୍ ଅଭିଯାନ୍‌ର ଗଲାକାଏଲ୍ ୨ ନମ୍ବର୍ ଦିନ୍‌ତକ୍ ୭୫ ହଜାର୍ ୪ ଶହ ୫୭ ଝନ୍ ଛୁଆକୁ ପୋଲିଓ ବୁନ୍ଦା ଖୁଆଯାଇଛେ । ଜିଲ୍ଲା ପ୍ରଶାସନ୍‌ର ସୂଚ୍‌ନା ଅନ୍‌ସାରେ ଜିଲ୍ଲା ନ ୮୭ ହଜାର୍ ୫ ଶହ ୫୬ ଝନ୍ ଛୁଆଙ୍କୁ ପୋଲିଓ ବୁନ୍ଦା ଖୁଆବାର୍‌କେ ଲକ୍ଷ୍ୟ ରଖାଯାଇଛେ । ୨ ନମ୍ବର୍ ଦିନ୍‌ତକ୍ ୮୬ ପ୍ରତିଶତ୍‌ନୁ ଅଏତ୍‌କା ଲକ୍ଷ୍ୟ ହାସଲ୍ ହେଇଛେ ।

ବିଶ୍ୱ ମାନକ ଦିବସ୍ ଆର୍‌ଏନ୍‌ୟୁ କଟକ୍

ଆଏଜ୍ ହେଉଛେ ବିଶ୍ୱ ମାନକ ଦିବସ୍ ।  ନିୟାମକ ସଂସ୍ଥା, ଶିଳ୍ପ ଆର୍ ଗ୍ରାହକ୍‌ମାନ୍‌କର୍ ଭିତ୍‌ରେ ଅର୍ଥନୀତିଥି ମାନକ ବଜାୟ ରଖ୍‌ବାର୍ ଦିଗେ ଲୁକ୍‌କୁ ସଚେତନ କର୍‌ବାର୍ ଲାଗି ଫି ବଛର୍ ଅକ୍ଟୋବର୍ ୧୪ ତାରିକ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ୧୯୭୦ ମସିହାନୁ ଅନ୍ତର୍ଜାତୀୟ ମାନକ ସଂଗଠନ୍- ଆଇଏସ୍‌ଓ ତର୍‌ଫୁ ବିଶ୍ୱ ମାନକ ଦିବସ୍ ପାଲନ୍ କରାଯାଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧମ୍ ବର୍ଷା ହେଇପାରେ । କଲାହାଣ୍ଡି, କନ୍ଧମାଲ୍, ରାୟଗଡ଼ା ସହେତେ ୮ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ମାରିକରି ଧୁକାଗଡ଼ି ହେଇପାରେ ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।